ନବଗୁଞ୍ଜର

ବା

ଜଗନ୍ନାଥ ଜଣାଣ

(ନୂତନ ମୁଦ୍ରଣ)

ପ୍ରକାଶକ—ଧର୍ମଗ୍ରନ୍ଥ ଷ୍ଟୋର

ପ୍ରାପ୍ତିସ୍ଥାନ—ଧର୍ମଗ୍ରନ୍ଥ ଷ୍ଟୋର
ପରିଚାଳକ—ଶ୍ରୀ ବିଦ୍ୟାଧର ସାହୁ
ଅଲିଶାବଜାର, କଟକ-୨
ଫୋନ୍ ନଂ—୨୬୦୮୨୯୭

(୬୦) ମୂଲ୍ୟ—ଚାରିଟଙ୍କା ମାତ୍ର

Digitized by PPRACHIN, SOA

ନବଗୁଞ୍ଜର

ଓ

ଜଗନ୍ନାଥଙ୍କ ଜଣାଣ

ରାଗ—ଘଣ୍ଟାରବ

ଅଶ୍ୱ ଗଜ ବ୍ୟାଘ୍ର ପାଦ ଯେ   ନରକର ଚକ୍ରାୟୁଧ
ବୃଷଭର ଚୂଳ ଲାଞ୍ଜ ଅଧ ବ୍ୟାଳ ସିଂହ କଟି ଗ୍ରୀବ ହୃଦ ଯେ ॥
ଶିଖିକଣ୍ଠ ଶୁକତୁଣ୍ଡ ଯେ   ଚରଣାୟୁଧ ମୁକୁଟ
ଏମନ୍ତ ରୂପରେ ଦେବକୀ କୁମରେ ମିଳିଲେ ପାର୍ଥ ନିକଟ ଯେ ॥
ଦେଖି ବିସ୍ମୟରେ ଅର୍ଜ୍ଜୁନ ଯେ   ଏ ଜୀବ ନାହାନ୍ତି ବନ
କି ଅବା ମୋ ପାଶେ କପଟରୂପେ ସେ ବିଜେ କଲେ ଭଗବାନ ଯେ
ଏତେ ବିଚାର କଲାଟି ଯେ   ନବଗୁଞ୍ଜର ପାଦେ ଲୋଟି
ଗୁପ୍ତ ମାୟାମୂର୍ତ୍ତି ତକ୍ଷଣେ ଶ୍ରୀପତି ହେଲେ ନିଜ ରୂପ ଗୋଟି ଯେ ॥
ଅର୍ଜ୍ଜୁନଙ୍କୁ କୋଳେ ଧରି ଯେ   କୁଶଳ ପୁଚ୍ଛିଲେ ହରି
ବଳଭଦ୍ର କହ୍ନ ଅଗ୍ନି ମିଳି ତହିଁ ବୁଢ଼ ବିପ୍ରରୂପ ଧରି ଯେ ।୫।

—❋—

ରସକୋଇଲି—ବୃତ୍ତେ

ଚକାନୟନକୁ ଚକିତ କରି । ଚକାଇ ଝର ନିଃଶ୍ୱାସ ପକାଇ ହେ ।
ଡକା ପକାଇ ଗରୁଡ଼ ପୃଷ୍ଠରେ । ବକାରି ମୋ ଆର୍ତ୍ତି ଶୁଣ ସତ୍ୱରେ
ଡକା ବାଜୁଛି ମହିମା ହେ । ଠକାରି କରି କର୍ଣ୍ଣେ ଗିର ନ ଶୁଣ
କାହିଁକି ବିଚିତ୍ରକର୍ମୀ ହେ ।୧। କଷ୍ଟ ହରଣୀ ଦ୍ରୌପଦୀ ବିପତ୍ତି । ହରି
ହରିଛ ପରା ଡେଉରି ଶ୍ରୁତି ଦରିଦ୍ର ସୁଦାମାକୁ କୋଟିନିଧି । ପରିପୂର୍ଣ୍ଣେ
ଦେଲ କୃପାବାରିଧି ହେ । ଧରି ଯା ମହିମା ଶବ୍ଦେ ହେ । ସରିତ

Digitized by PPRACHIN, SOA

ଯାଉଛୁ ହରିଥରେ ଆଉନଗହ୍ନିଁଲକୃପାନେଦେ ହେ ।୨। ଆଜାନୁବାହୁ ମୁଁ ପଣ୍ଡିତ ଜଣେ । ଅଜାମିଳୁ ବଳ ସହସ୍ର ଗୁଣେ । ଲଙ୍କା ହରି ନ ତାରିଲେ ନକର । ଧ୍ୱଜା ଚହରୁ ବହ୍ନନ ଉତ୍ତର ହେ । ମଙ୍କାରେ ମୁଁ ଏହା ଭାବେ ହେ । ବଜାଇ ଜମ୍ବୁ ଆର୍ତ୍ତହାଣ ଢ଼ିଣ୍ଡିମ ହଜାଇ ଦେଉନ୍ତୁ ଏବେ ହେ । ୩ । ମାତା ପିତା ସେବା ମୋର ବନ୍ଧୁଙ୍କ ନିତ ପ୍ରୀତି କରେ ଅଧିତ ସଙ୍ଗ । ଗୀତାରେ ଅବଗାହ୍ନ ନାହିଁ ଢେନେ । ଗୀତା ଭାଗବତ ନ ଶୁଣେ କର୍ଣ୍ଣେ ହେ । ପୀତାମ୍ବର ଚିତ୍ତେ ଚିନ୍ତ ହେ । କତାପ ଚିହ୍ନଗୁଷ୍ଠୁ ଗୁରାଇବ, ମୋ ଅନ୍ତକାଳେ ଯେମନ୍ତ ହେ । ୪ । ବଟପୃଷ୍ଠବାସୀ ଆରତ୍ତହାଣ । ଘଟ ଘଟକେ ରହ୍ନ ସବ ଜାଣ । ଖଞ୍ଜନ୍ତି ଯେଉଁ ଚରଣେ କମଳା । ହଟକର ମୋ ଦୁର୍ଦ୍ଦଶା ନଗଲ୍ଢେ । ନଟବର ବେଶଧାରୀ ହେ । ଝଟଣ୍ଡରେ ପ୍ରଭୁ ଶ୍ରୁତି ଢ଼େର ଶୁଣ ଏ ଘନଜନ ଗୁହାରି ହେ । ୫ । ପାଣ୍ଡିବ ପ୍ରିୟ ଦଣ୍ଡୁଛ କି ଦୋଷେ । ଦାଣ୍ଡିକୁ ଏକଥା କେମନ୍ତେ ଦଶେ । ଗୁଣ୍ଡିରେ ମଇହ ଛଳେ ଆପଣ । କାଣ୍ଡିକରେ ନେଲ ବାଳର ପ୍ରାଣ ହେ । ତାଣ୍ଡିବ ନୃତ୍ୟକାରୀଙ୍କି ହେ । ଭାଣ୍ଡି କରିଦେଇ ବସ୍ତ୍ର କୁଟମାୟା ଲଗାଇ ଦେଇ ଭେଳକ ହେ । ଧଣ୍ଡିମାନ ବୁହା ଦୁର୍ଦ୍ଦଶା ରହୁ । ଚଣ୍ଡାଳ ଗ୍ରାସୁଅଛୁ ଗୃହୁଁ ବୃହୁଁ । ଭଣ୍ଡାରେ ଖଣ୍ଡା ନାହିଁକ ମଣିମା । ଗଣ୍ଡାକର ଢଶୁନାହିଁ ମହିମା ହୋ ହଣ୍ଡା ଯାଉଅଛୁ ଫାଟି ହେ ।। ଥଣ୍ଡାକର କୃପାଜଳ ବୃଷ୍ଟି କର ମୋ ଚିତ୍ତବୃତକ ପାଟି ହେ । ୬ । ମନ୍ଦରଧର ମାଳଗିରିବାସୀ । କନ୍ଦର ବାସୀ ପ୍ରାୟେ ଅଛ ବସି । ପନ୍ଦର ନେଦେ ଧାତା ପୁରନ୍ଦର । ବନ୍ଦନା କରନ୍ତି ଯେଉଁ ପଯୁର ହେ । ଛନ୍ଦ, ଗୁଡ଼ ଦେବରାଜ ହେ । ନନ୍ଦନନ୍ଦନ ଶ୍ରୀଚରଣାବନ୍ଦେ ଚନ୍ଦନହଜୁରି ଭଜେ ହେ ।୮। ।

●

Digitized by PPRACHIN, SOA

ସର୍ପ ବର୍ଣ୍ଣନା

ବାଧିଲ ଜାଣି କ୍ଷମା, କର ନୋହିଲ ରମା ରମଣ ଦଣ୍ଡେ ଦିଅ ଠେଲି । ତୁମ୍ଭଙ୍କୁ ଜଗନ୍ନାଥ, ଆଜ ମୋ ମନୋରଥ, ପୂର୍ଣ୍ଣ କରିବ ଦେଇ ଗାଳି ହେ ମହାପ୍ରଭୁ । କରୁଣାନିଧି ବୋଲିକରି କହନ୍ତି ବୁଧେ ଉରମଣି, କାଳସର୍ପ ଆପଣ, କବଳ କର ପ୍ରାଣ ପବନମ ନଙ୍କ ସବୁରି ହେ ମହାପ୍ରଭୁ । ଜଳଧି ଅନ୍ତେ ନିଜ, ଘର ଦେବାଧିରାଜ, ବୁଡ଼ାଇ ଦେଇଛ ଆପଣ । ତୁମ୍ଭର ସିନା ଯେଣ ଆଶ୍ଚର୍ଯ୍ୟ ନୁହେଁ ଆନ ଲୋକର ଘରବୁଡ଼ା ପଣ ହେ ମହାପ୍ରଭୁ । ଭୁଜଙ୍ଗ ସାମ୍ୟ ଆମ୍ଭ ତୁଟିଲ । ବତାଅ ବୋଲି ଆଜ୍ଞା ଦେଲେ । ମୁଁ ନୁହେଁ ଘରବୁଡ଼ା ବତାଇବାକୁ ଛିଡ଼ା ହୋଇଛି ବତାଇବ ଘଟିଲେ ହେ ମହାପ୍ରଭୁ । ତାହାକୁ ବୋଲି ଚକ୍ଷୀ ଚକ୍ଷ ଥିବାରୁ ଚକ୍ଷୀ, ତୁମ୍ଭେ ତ ବୋଲିଅ ମଣ୍ଡଳେ । ଗୋଲିଇ କୁଣ୍ଡଳୀ ସେ ଆ ଣ ତ ବିଶେଷେ ଭୂଷିତ ମକର କୁଣ୍ଡଳେ ହେ ମହାପ୍ରଭୁ । ଅଦୃଶ୍ୟ ହେବାରୁ ତା ପଦ । ତାହାକୁ ବୋଲି ଗୂଢ଼ପଦ । ତୁମ୍ଭର ଚରଣ ତ ବିରଞ୍ଚିକ ଗୁପତ କାହିଁ ତାଠାରୁ ତୁମ୍ଭ ଭେଦ ହେ ମହାପ୍ରଭୁ । କାନ ନ ଥାଇ ଆଖି, ଭୁଜଙ୍ଗରେ ଦେଖି, ନୟନଶ୍ରବା ବୋଲି ତାକୁ । କହ କମଳାନନ କାହିଁକି ତୁମ୍ଭ କାନ ସର୍ପ ବୋଇଲେ ଚଳିବାକୁ ହେ ମହାପ୍ରଭୁ । ଫଣୀ କାୟାକୁ ବୋଲି ଭୋଗ ଥିବାରୁ ସେ ଦୁଇ ସଂଯୋଗ ତାହାକୁ ବୋଲି ଭୋଗୀ, ନୁହ କି ତୁମ୍ଭେ ଭୋଗୀ, କରୂପେ ଅଛ ମହାଭୋଗି ହେ ମହାପ୍ରଭୁ ଅହିତ ବୋଇଲ ସେ ଏକ ଅକ୍ଷର କୋଷେ ଅହିତ ବୋଲନ୍ତି ନିପୁଣେ । କଂସ ପ୍ରମୁଖାସୁର କଣ୍ଟକମାନଙ୍କର, ଅହିତ ହୋଇଛ ଆପଣ ହେ ମହାପ୍ରଭୁ । ଅସାବଧାନେ ଗଲେ ଗିଳି, ଗୋଟିକୁ ଗିଳଇ କୁଣ୍ଡଳୀ । ଚତୁର୍ଦ୍ଦଶ ବ୍ରହ୍ମାଣ୍ଡ ହାଣ୍ଡୀ ମଣ୍ଡଳି

Digitized by PPRACHIN, SOA

ରୁଣ୍ଡ କରି ଆପଣ ଅଛ ଗିଳି ହେ ମହାପ୍ରଭୁ ॥ ହେବ ବା ଅବଧନେ, ତାହାଙ୍କୁ ତ୍ରିଭୁବନେ ବୋଲନ୍ତି କାକୋଦର ନରେ । ଯେତେ ପିଷ୍ଟକଯାକ, ମଧ୍ୟେ ଗୋଟିଏ କାକ ନାହିଁକି ତୁମ୍ଭର ଉଦରେ ହେ ॥ ମହାପ୍ରଭୁ କହିବା କଥା ମୋର ଦେଖି । ଅଛନ୍ତି ଲକ୍ଷ ଲକ୍ଷ ସାକ୍ଷୀ । ବ୍ରଜ ଭୁଜଙ୍ଗ ଗିଳି ମୁଁ କରି ନାହିଁ ବୋଲି ଛୁଅଁ ତୁ ନଳ ଚକା ଆଖି ହେ ମହାପ୍ରଭୁ ॥ ତୁମ୍ଭେତ ସର୍ପ ନୁହଁ କାଳୀୟଠାରେ ଦ୍ରୋହ କଲ କାହିଁକି ଏତେ କରି । କେତେ ନ ଥିଲେ ଗୋପେ ଅଘାକୁ ତୁମ୍ଭେ କୋପେ, କ ହେତୁ ଦେଲ ପ୍ରାଣେ ମାରି ହେ ମହାପ୍ରଭୁ ॥ ତାହା ନାମ ତୁମ୍ଭର ନାମ । ଅଦ୍ୟାପି ହେଉଅଛି ସମ । ଯେବେ ସ୍ୱଗୋଷ୍ଠ ଦ୍ରୋହ ନ ଥାନ୍ତା ନାଥ କହ କାହିଁକି ଏ କର୍ମ ହେ ମହାପ୍ରଭୁ ॥ ବ୍ରହ୍ମା ଶଙ୍କର ମୁଖ୍ୟ ଦେବତାଙ୍କଠାରୁ ମୋକ୍ଷ ପ୍ରଧାନ ଧନ ଗୁପ୍ତ କଲେ । ପଣ୍ଡିତଙ୍କୁ ନ ପୋଷିବାରୁ ଭ୍ରମରେ ଅସି, ବିଷମ ପଶିରେ ଝୁସିଲ ହେ ମହାପ୍ରଭୁ ॥ ଶବରେ ଯେ ବଡ଼ ଲମ୍ପଟ, ଶବର ବିହଙ୍ଗମ ଘାଟ ତହିଁ ଯେତେ ଲମ୍ପଟ, ଆପଣ ଶ୍ୱେତପଟ ପଟ୍ଟଲେ ହୋଇଅଛ ସ୍ଫୁଟ ହେ ମହାପ୍ରଭୁ ॥ ଜାଣି ବାଳକକାନ୍ତୁ ଲବଣୀ ହାଣ୍ଡି ତନ୍ତୁ ଧରି ପାଶରେ ବୁଢେ ଭଣ୍ଡ଼ । ଦୟା ନ ରଖି ଛଳେ ଯାମଳ ତରୁ ଛଳେ ଜନମ ନେଇ ଦେଲେ ଗୁଣ୍ଡ଼ । ମହାପ୍ରଭୁ । ଯେତେକ ଥିଲ ଗଭେ ପଣ୍ଡ । ଜୀର୍ଣ୍ଣ ହେବାକୁ ହେଲ ଭଣ୍ଡ଼ । ଜଗତେ କେତେ ଲୋକେ ଜାଣି ନ ଥିବେ ଥୋକେ ସେ ତରୁ ଯିବାରୁ ଉପୁଡ଼ି ହେ ମହାପ୍ରଭୁ ॥ କେଉଁ ଶିଶୁ କାମିନୀ ସ୍ତନ ପାନରେ ଦେନ, ଯାଉଛି ଜୀବନ ଜଗତେ । ବଂଶୀ ପୁତନାସ୍ତନ ଦେନିଲ ତ ଜୀବନ, ନାହିଁକି ତୁମ୍ଭ ଦିବ୍ୟଚକ୍ଷେ ହେ ମହାପ୍ରଭୁ ॥ ଜଗତେ ଧରି ଯେବେ ଅହି । ଘଟ ଗୋଟିକେ ରଖି ନେଇ । ଅଛ ଯାତେ ଯତେ ବଞ୍ଚାଅ ଯେ କପଟେ ମୋହ ଆଗରୁ ଯିବ

Digitized by PPRACHIN, SOA

କାହିଁ ହେ ମହାପ୍ରଭୁ ॥ ମୋହେ ଆବାସ ଦ୍ୱାର, ମ.ନସ ସରୋବର, ଶୁଭିଲ ନାଗେଶ୍ୱର ରବ । ଦଣ୍ଡେ ନ ରହି ଧାଇଁ ଗଲେ ହେ କାହିଁପାଇଁ ଆଉ ନ ଥିଲେ କେତେ ଦେବ ହେ ମହାପ୍ରଭୁ ॥ ମନ୍ତ୍ର ଜାଣିବା ଲୋକେ ବଶ । ହୁଅନ୍ତି ହବୁ ଆସି ବିଷ । ମନ୍ତ୍ରାଧୀନ ତ ତୁମ୍ଭେ, ବଞ୍ଚାଉଅଛ ଦମ୍ଭେ, ଭୁଜଙ୍ଗ ନୁହେଁ ଆଉ କସ ସେ ମହ ପ୍ରଭୁ ॥ କହଇ କବିସୂର୍ଯ୍ୟ, ନାଥ ନୁହଁ ଅଧୈର୍ଯ୍ୟ ଏଣିକି ମହତ ନ ଯାଉ । ମୁଁ ତୁମ୍ଭ ପରିଗ୍ରହ, ଜାଣିଲେ କ ବିଗ୍ରହ, ଇତରେ ନ ହସନ୍ତୁ ଆଉ ହେ ମହାପ୍ରଭୁ ॥ ମୋତେ ମାହକ ଏତେ ଦେବ । ଯେତେବେଳେ ମୋ ଅନ୍ତ ହେବ । ପରେ ତ ଘଣ୍ଟ ଦ ର, ସୀମାରୁ ପରହର କରାଇ ଯହିଁ ତହିଁ ନେବ ହେ ମହାପ୍ରଭୁ । ୧୨ ।

—❊—

ରାଗ—ପଞ୍ଚମବରାଡ଼ି

ଓଜଃଶୀଳ । ଶ୍ରୀଜଗଜ, ଜୀବନ ହରଣେ ତେଜ ଅର୍ପଣ କର କୃପଣ ନୋହି । ଟଙ୍ଖର ଜଳେ କୁମ୍ଭୀର ଗଳ ଗ୍ରହଣ କୁମ୍ଭୀର ଜୀବ ରକ୍ଷାକଲ କଥା ବହି ହେ । ନୀଳାଚଳ କଳାକାର ସତ କ ଏ ମିଛ । ନେଲ ଯାହା ଦେଲ ତାହା ଏଥକୁ କମ୍ପାଇ ମହା, ଦାତା ପଣେ ପତାକା ବାନ୍ଧିଛ ହେ । ୧ । ଦଳି ବଳିଷ୍ଠ ବଳୀକ, ଅକଳିତ ବିଭୂତିକ ଦଳିତ କରରେ କରିଥିଲ । ନ ମାନି କରି ରମାକୁ, ଅକାଞ୍ଚନ ସୁଦାମାକୁ, ବିପୁଳ ସମ୍ପଦେ ମଣ୍ଡି ଦେଲ ହେ । ନୀଳାଚଳ କଳାକର । ସତ କ ଏ ମିଛ । ନେଲ ଯାହା ଦେଲ ତାହା ଏଥକୁ କମ୍ପାଇଁ ମହା ଦାତାପଣେ ପତାକା ବାନ୍ଧିଛ ହେ । ୨ । ଗୋକୁଳ କୁଳଧଉତ ଗଉରାଙ୍ଗୀର ମହତ୍ତ୍ୱ ନେଇଥିବା ସକାଶରୁ କରି । ଦ୍ରୁପଦ ନୃପନନ୍ଦନା, ମହତ ହର ବେଦନା ବିନାଶନେ ହେଲ ଧନ୍ୱନ୍ତରି ହେ । ନୀଳାଚଳ କଳାକାର । ସତ କ ଏ ମିଛ । ନେଲ ଯାହା ଦେଲ ତାହା

Digitized by PPRACHIN, SOA

ଏଥକୁ କମ୍ପାଇଁ ମହା ବାତାପଣେ ପତାକା ବାନ୍ଧିଛ ହେ । ୩ ।
ପାତକୀ ମୁକୁଟ ଶ୍ରେଣୀ, ଶିରୋମଣି ଯଦୁମଣି, ମନ ଛଳେ ନେଇ
ନ ପାରୁଛ । ଏହା ଉଦ୍ଧାରଣେ ଯେବେ ଶକ୍ତ ହୋଇପାର
ଲବେ, ତେବେ ସିନା ବାତା ବୋଲାଉଛ ହେ । ନୀଳାଚଳ
କଳାକର ସନ୍ତ କ ଏ ମିଛ । ନେଲ ଯାହା ଦେଲ ତାହା ଏଥକୁ
କମ୍ପାଇଁ ମହା ଦ ତାପଣେ ପତାକା ବାନ୍ଧିଛ ହେ । ୪ ।

—※—

ରାଗ—ଚେତ ଓ ପରଜା

କ୍ଷୀରମୟ ସିନ୍ଧୁଜେମା ପ୍ରାଣବନ୍ଧୁ, ତୁମ୍ଭେ ତ ଜଗତ
ପତି । ଟେକ ସମ ଦୃଷ୍ଟି, ପତାକାକୁ ପୁଣି ଏ କ ପକ୍ଷପାତ
ରୀତି । ମହାପ୍ରଭୁ ବେ କ କଲ ମୁଁ ନ କଲି । କେ କ ଦେଲ
ଅବା ମୁଁ ଏକା ନ ଦେବା, ଯେନ ଏତେ ସବୁ ହେଲି ।
ମହାପ୍ରଭୁ । ମୃଗ ଯୁବକ୍ଷୀକ, ରଖିଲ ଯେ ନାଶି, ମୃଗୟା ଉଦ୍ଦେଷ
ଦାଉ । ଚରଣପଙ୍କଜ ସ୍ମରଣ ବିନା ଯେ, କସ କରିଥିଲ ଆଉ ।
ମହାପ୍ରଭୁ । କୁମ୍ଭୀର ଗ୍ରାସନ୍ତେ ଗଜ । ବନେ କହିବାରେ,
ଅନେକ ପ୍ରକାରେ ମନେ କଲସିନା ମାଜ ମହାପ୍ରଭୁ । କୁରୁସଭା
ମଧ୍ୟେ, ଅଧୀର ହୁଅନ୍ତେ, ଦ୍ରୁପଦସୁତା ଆବର । ଧ୍ୟାନକୁ ତ
ଆନ କସ କରିବାର ଜାଣେ ଶୁଣି ନାହିଁ ମୋର ମହାପ୍ରଭୁ ॥
ହିତେ ଯେ ଥାଅ ନରତେ, କାଞ୍ଚନ କେତେ କ . ଲ୍ଲଞ ଦେଇଥିଲେ
ପଣ୍ଡୁରାଜା ପାଞ୍ଚସୁତେ । ମହାପ୍ରଭୁ ॥ ରୂପରେ କେଳଣ୍ଟ, ଉପରେ
ପତାକା ଦିଆଇଲ ଯେ କୁବ୍ଜାକ ଯାହା ହୋଇଥିଲ, ଯାହା
ହେଲ ଭୁମ୍ଭ ଶାପ ବଶୁ ରଜମ । ମହାପ୍ରଭୁ ॥ ଜଗତରେ ଏହା
ଜଣା । ଅନ୍ଧକୁ ନେଜ ମିଳିବାରୁ ହୋଇଅଛୁ ଯଟଃଉଣ୍ଡିମ ବାଜଣା
ମହାପ୍ରଭୁ ॥ ନଳ କୁବେରଙ୍କ ଚରିତକୁ ବୁଧେ, ଘଡ଼ୁଚ ଅଛନ୍ତି
ଏବେ । ପ୍ରହ୍ଲାଦଙ୍କୁ ମହା ଆହ୍ଲାଦ ଦେଇଛ, ଆପଣ ପଣ୍ଡା

Digitized by PPRACHIN, SOA

ପୂରୁବେ । ମହାପ୍ରଭୁ ॥ ମୁନଙ୍କ ଆଶ୍ରମ ଶିଳା ତୁମ୍ଭଙ୍କୁ କ ଉପକାର କରି ରୂପବନ୍ତି ହୋଇ ବହିଲେ । ମହାପ୍ରଭୁ ॥ ଅନ୍ୟାନ୍ୟମାନଙ୍କ ମନ ତୋର ନୁହେ, ଆଜ୍ଞାହେବ ଅବା ମୋତେ । ନମ ସ୍ୱମୃତର ଧରିବାରୁ ବୈକୁଣ୍ଠଧାମ ଲଭିଲ କେମନ୍ତେ । ମହାପ୍ରଭୁ ॥ ଅଜାମିଳ ମହାଶୂର । କେଉଁ ସାବଧାନ ହେଇ ନାମ ଧ୍ୟାନ, କରିଥିଲ ସେ ତୁମର । ମହାପ୍ରଭୁ ॥ କେବଳ ସୁଦାମା ଦ୍ୱିଜନକ ଶକ୍ତ ଅନୁରୂପେ ଆଚରିଲେ । ଗଳତାଏ ଖୁଦ ନିଜର ଦେବାରୁ ଫଳ ତାଦୃଶ ଲଭିଲେ । ମହାପ୍ରଭୁ ॥ ଆଉ କେ କ ଦେଲ କହ । କାହାକାମ ତୁମ୍ଭ ପୂର୍ଣ୍ଣ କରନାହିଁ, ଅହେତୁକ ଅନୁଗ୍ରହ । ମହାପ୍ରଭୁ ॥ କହରବ ରାମ୍ଭଗୁରୁ ଯୋଡ଼ କର ଯୁଟକୁ ତୁମ୍ଭରେ କହେ ଭଲ ଅବା ମନ୍ଦ କରିବା କଥାତ, କାହାର ଆୟତ୍ତ ନୁହେଁ, ମହାପ୍ରଭୁ ॥ ସବୁ ତୁମ୍ଭ ଇଚ୍ଛା ସିନା । ରଖ ବା ନ ରଖ, ଏକା ମୋ ଗତିତ ପତିତପାବନ ବାନା ମହାପ୍ରଭୁ ॥

ସଦ୍ୟବାଗ ଗୋବିନ୍ଦ ରାଧାମୋହନ ହେ । ଦୁଃଖଦୂରିତ କରିବାରେ ଦହନ । ଘୋଷା । ଦ୍ୱାପରେ ଯୁଟରେ ନନ୍ଦ ଗଉଡ଼ ଘରେ, ଗାଈ ଚରାଇଲ ବୃନ୍ଦାବନ ଭିତରେ ଗୋପାଳ ପୁଅ ସଙ୍ଗେ ଖେଳିଲ ନାନାରଙ୍ଗେ, ବନରେ ବନଲୋକ କଲ୍‌କେତେ ସଙ୍ଗରେ ଆହେ ହରି, ଶକ୍ର ଦର୍ପକୁ କଲ ଭଞ୍ଜନ ॥ ଆଉଦିନେ କାଳନ୍ଦୀରେ କମଳ ତୋଳ । କାଳିଶିରେ ଚଢ଼ି କାଳ ଦର୍ପକୁ ଦଳ କାଳୀୟୁ ବିଷଜ୍ୱାଳା ଲୋକେ ସୁହାନା ଚଲ, କୋମଳ ଶ୍ରୀଚରଣେ ମୁଣ୍ଡ କାଳ ବଂଶୀଙ୍କ ଆହେ ହରି ତୁମ୍ଭପାଦେ ପଶିଲ ଶରଣ ॥ ଅପ୍ରକଟେ ବୃନ୍ଦାବନେ ଥିଲଟି ରହି । ବିପ୍ରସତ୍ୟ ମାନ ସାକ୍ଷୀହେଲଗୋପ ଇଁ । ଶ୍ରୀରଙ୍ଗାପଦେ ପଥ ଗୃଳ ଦେ ଗୋପିନାଥ କଳଯୁଗରେ ହରି ଟାବଲ ଏହା ବିଚର

Digitized by PPRACHIN, SOA

ଅଳସାବାସୀ ହୋଇ । ଓଡ଼ିଶାରେ ରହୁଛ । ଆହେ ହରି ରାଧାଜୀବନ ବଂଶୀବଦନ । ବନ୍ଧାଉଛୁ ସତ୍ୟବାଦୀ ଛନ୍ଦା ପଦ୍ମରେ ବନ୍ଧା ହେବ ତୁମ୍ଭ ନାମଭାବ ରଜ୍ଜୁରେ । ଦୀନକୃଷ୍ଣ କହଇ ଲବଣ୍ୟ ପାଦ ଦୁଇ ହୃଦେ ସମ୍ଭାଳ ଥିବ ନେହ ଚଉକ ଦେଇ ପ୍ରାନ୍ତକାଳକୁ ମୋତେ ଶଙ୍କାଳ ହେବ ସେହି । ଆହେ ହରି, ଦୟାଳୁମଣି ଦୁଃଖନାଶନ ।

—❊—

ଶ୍ରୀକୃଷ୍ଣ ଅଷ୍ଟୋତ୍ତର ଶତନାମ

ଜୟ ଜୟ ଗୋବିନ୍ଦ ଗୋପାଳ ଗଦାଧର । କୃଷ୍ଣଚନ୍ଦ୍ର କୃପାକର କରୁଣା ସାଗର ॥ ଜୟ ରାଧେ ଗୋବିନ୍ଦ ଗୋପାଳ ବନମାଳୀ । ଶ୍ରୀରାଧାର ପ୍ରାଣଧନ ମୁକୁନ୍ଦ ମୁରାରି ॥ ହରି ନାମ ବିନେରେ ଗୋବିନ୍ଦ ନାମ ବିନେ । ବିଫଳ ମନୁଷ୍ୟ ଜନ୍ମ ଯାଏ ଦିନେ ଦିନେ ॥ ଦିନ ଗେଲ୍ ମିଛ କାଜେ ରାତି ଗେଲ ନିଦେ । ନଭଜିଲୁ ରାଧାକୃଷ୍ଣ ଚରଣାରବିନ୍ଦେ ॥ କୃଷ୍ଣ ଭଜିବାର ତରେ ସଂସାରେ ଆଇନୁ । ମିଛମାୟା ବଦ୍ଧ ହୁଏ ବୃକ୍ଷ ସମ ହେଲୁ ॥ ଫଳରୂପେ ପୁଏ କନ୍ୟା ଡାଲ ଭାଙ୍ଗି ପଡ଼େ । କାଳରୂପେ ସଂସାରେତେ ପକ୍ଷୀ ବାସକରେ ॥ ଯେବେ କୃଷ୍ଣ ଜନମିଲ ଦେବକୀ ଉଦରେ । ମଥୁରାତେ ଦେବଗନ ପୁଷ୍ପବୃଷ୍ଟି କରେ ॥ ବସୁଦେବ ରାଖିଆଏଲ ନନ୍ଦେର ମନ୍ଦିରେ । ନନ୍ଦେର ଆଲୟେ କୃଷ୍ଣ ଦିନେ ଦିନେ ବାଡ଼େ ॥ ଶ୍ରୀନନ୍ଦ ରାଖିଲ ନାମ ନନ୍ଦେର ନନ୍ଦନ । ଯଶୋଦା ରାଖିଲ ନାମ ଯଦୁ ବାଛୁଧନ ॥ ଉପନନ୍ଦ ନାମ ରାଖେ ସୁନ୍ଦର ଗୋପାଳ । ବ୍ରଜ ବାଳକ ନାମ ରାଖେ ଠାକୁର ରାଖାଲ ॥ ସୁବଲ ରାଖିଲ ନାମ ଠାକୁର କାନାଇଁ । ଶ୍ରୀରାମ ରାଖିଲ ନାମ ରାଖାଲ ରାଜଭାଇ ॥ ନମାଣ୍ଡେଶ୍ୱର ନାମ ରାଖେ ଯତେକ ଗୋପିନୀ । କାଲୋ

Digitized by PPRACHIN, SOA

ସୋନା ନାମ ରଖେ ବନୋଦ୍ୱମ୍ମ ॥ କୁବୁଜା ରଖିଲ ନାମ ପତିତପାବନ ହରି । ଚନ୍ଦ୍ରାବଳୀ ନାମ ରଖେ ମୋହନ ବଂଶୀଧାରି ॥ ଅନନ୍ତ ରଖିଲ ନାମ ଅନ୍ତ ନା ପାଇଲ । କୃଷ୍ଣ ନାମ ରଖେ ଗର୍ଗ ଧ୍ୟାନେତେ ଜାଣିଲ୍ଲିଁ । ॥ କର୍ଣ୍ଣମୁନି ନାମ ରଖେ ଦେବ ଚକ୍ରପାଣି । ବନମାଳୀ ନାମ ରଖେ ବନେର ହରିଣୀ ॥ ଗଜହସ୍ତୀ ନାମ ରଖେ ଶ୍ରୀମଧୁସୂଦନ । ଅଜାମିଳ ନାମ ରଖେ ଦେବ ନାରାୟଣ ॥ ପୁରନ୍ଦର ନାମ ରଖେ ଦେବ ଶ୍ରୀଗୋବିନ୍ଦ । ଦ୍ରୌପଦୀ ରଖିଲ ନାମ ଦୀନବନ୍ଧୁ ଦେବ ॥ ସୁଦାମା ରଖିଲ ନାମ ଦାରିଦ୍ର୍ୟ ଭଞ୍ଜନ । ବ୍ରଜବାସୀ ନାମ ରଖେ ବ୍ରଜର ଜୀବନ ॥ ଦର୍ପହାରି ନାମ ରଖେ ଅର୍ଜୁନ ସୁଧୀର । ପଶୁପକ୍ଷୀ ନାମ ରଖେ ଗରୁଡ଼ ମହାଙ୍କର ॥ ଯୁଧିଷ୍ଠିର ନାମ ରଖେ ଦେବ ଯଦୁବର । ବିଦୁର ରଖିଲ ନାମ କଙ୍ଗାଳେର ଠାକୁର ॥ ବାସୁକୀ ରଖିଲ ନାମ ଦେବ ସୃଷ୍ଟି ପ୍ରଭୁ । ଧ୍ରୁବଲୋକ ନାମ ରଖେ ଧ୍ରୁବର ସାରଥି ॥ ନାରଦ ରଖିଲ ନାମ ଭକ୍ତ ପ୍ରାଣଧନ । ଶ୍ରୀକୃଷ୍ଣଦେବ ନାମ ରାଖେ ଲକ୍ଷ୍ମୀ ନାରାୟଣ ॥ ସତ୍ୟଭାମା ନାମ ରାଖେ ସତ୍ୟେର ସାରଥି । ଜାମ୍ବବତୀ ନାମ ରାଖେ ଦେବ ଯୋଦ୍ଧାପତି ॥ ବିଶ୍ୱାମିତ୍ର ନାମ ରଖେ ସଂସାରେର ସାର । ଅହଲ୍ୟା ରାଖିଲ ନାମ ପାଷାଣ ଉଦ୍ଧାର । ଭୃଗୁମୁନି ନାମ ରାଖେ ଜଗତର ହରି । ପଞ୍ଚମୁଖେ ରାମନାମ ଗାଏ ତ୍ରିପୁରାରି ॥ କୁଞ୍ଜକେଶୀ ନାମ ରାଖେ ବଳ ସଦାରସି । ପ୍ରହ୍ଲାଦ ରାଖିଲ ନାମ ନୃସିଂହ ମୁରାରି ॥ ଦୈତାରି ଦ୍ୱାରକାନାଥ ଦାରିଦ୍ର୍ୟଭଞ୍ଜନ । ଦୟାମୟ ଦ୍ରୌପଦୀର ଲଜ୍ଜା ନିବାରଣ ॥ ସ୍ୱରୂପ ସବାର ହୃଦ-ଗୋଲୋକେତେ ସ୍ଥିତି । ବୈକୁଣ୍ଠ କ୍ଷୀରୋଦଶାୟୀ କମଳାର ପତି । ରସମୟ ରସିକ ନାଗର ଅନୁପମ । ନିକୁଞ୍ଜ ବିହାରି ହରି ନବ-ଘନ ଶ୍ୟାମ ॥ ଶାଳଗ୍ରାମ ଦାମୋଦର ଶ୍ରୀପତି ଶ୍ରୀଧର । ତାରକ

Digitized by PPRACHIN, SOA

ବ୍ରହ୍ମ ସନାତନ ପରମ ଈଶ୍ୱର ।। କଳ୍ପତରୁ କମଳ ଲୋଚନ-ହୃଷିକେଶ । ପତିତପାବନ ଗୁରୁ ଜ୍ଞାନ ଉପଦେଶ ।। ଚିନ୍ତାମଣି ଚତୁର୍ଭୁଜ ଦେବ ଚକ୍ରପାଣି । ଦୀନବନ୍ଧୁ ଦେବକୀ ନନ୍ଦନ ଯଦୁମଣି ଅନନ୍ତ କୃଷ୍ଣେର ନାମ ଅନନ୍ତ ମହିମା । ନାରଦ୍ୟାଦି ବ୍ୟାସଦେବ ଦିତେ ନାରେ ସୀମା ।। ନାମ ଭଜ ନାମ ଚିନ୍ତ ନାମକର ସାର । ଅନନ୍ତ ବିଷ୍ଣୁର ନାମ ମହିମା ଅପାର ।। ଶତଗ୍ରହ ସୁବର୍ଣ୍ଣ ଗୋ କୋଟି କନ୍ୟାଦାନ । ତଥାପି ନା ହୟ କୃଷ୍ଣ ନାମେର ସମାନ ।। ଯେଇ ରାମ ସେଇ କୃଷ୍ଣ ଭଜ ନିଷ୍ଠାକରି । ନାମେର ସହିତ ଆଛେ ଆପନ ଶ୍ରୀହରି ।। ଶୁନ ଶୁନ ଓରେ ଭାଇ ନାମ ସଂକୀର୍ତ୍ତନ । ଯେ ନାମ ଶ୍ରବଣେ ହୟ ପାପୀ ବିମୋଚନ ।। ବିଷ୍ଣୁ ନାମ ଭଜ ଜୀବ ଆରସବ ମିଛେ । ପଲାଇତେ ପଥନାହିଁ ଯମ ଅଛେ ପିଛେ ।। କୃଷ୍ଣ ନାମ ହରି ନାମ ବଡ଼ଇ ମଧୁର । ଯେଇ ଜନ କୃଷ୍ଣେ ଭଜେ ସେଇ ଯେ ଚତୁର ।। ବ୍ରହ୍ମା ଆଦି ଦେବ ଯାରେ ଧ୍ୟାନେ ନାହିଁ ପ୍ରାୟ । ସେ ହରି ବଞ୍ଚିତ ହଲେ କି ହବେ ଉପାୟ ।। ହିରଣ୍ୟ-କଶିପୁର ଉଦର ବିଦାରନ । ପ୍ରହ୍ଲାଦେ କରିଲ ରକ୍ଷା ଦେବ ନାରାୟଣ ।। ବଲିକେ ଛଲିତେ ପ୍ରଭୁ ହଇଲ ବାମନ । ଦ୍ରୌପଦୀର ଲଜ୍ଜାହରି କୈଲ ନିବାରନ ।। ଅଷ୍ଟୋତ୍ତର ଶତନାମ ଯେ କରେ ପଠନ । ଅନାୟାସେ ପାଏ ରାଧା କୃଷ୍ଣେର ଚରନ ।। ଭକ୍ତବାଞ୍ଛା ପୂର୍ଣ୍ଣକର ନନ୍ଦେର ନନ୍ଦନ । ମଥୁରାୟେ କଂସ ଧ୍ୱଂସ ଲଙ୍କାର ରାବନ ।। ବକାସୁର ବଧ ଆଦି କାଲୀୟ ଦମନ । ସଦା ଜୟେ ସମ୍ପୂର୍ଣ୍ଣ ଏ ନାମ ସଂକୀର୍ତ୍ତନ ।

Digitized by PPRACHIN, SOA

(ହରିନାମ ମାଳାସ୍ତୋତ୍ରମ୍)

ଶ୍ରୀ ଗଣେଶାୟ ନମଃ । ଗୋବିନ୍ଦଂ ଗୋକୁଳାନନ୍ଦଂ ଗୋପାଳ ଗୋପିବଲ୍ଲଭଂ । ଗୋବର୍ଦ୍ଧନଧରଂ ଧୀରଂ ତଂ ବନ୍ଦେଃ ଗୋମନ୍ତି ପ୍ରିୟଂ ॥ ନାରାୟଣଂ ନିରାକାରଂ ନରବୀରଂ ନରୋତ୍ତମଂ । ନୃସିଂହଂ ନାଗନାଥଞ୍ଚ ତଂ ବନ୍ଦେ ନରକାନ୍ତକଂ ॥ ପୀତାମ୍ବରଂ ପଦ୍ମନାଭ, ପଦ୍ମାକ୍ଷ, ପୁରୁଷୋତ୍ତମଂ । ପବିତ୍ରଂ ପରମାନନ୍ଦଂ ତଂ ବନ୍ଦେ ପରମେଶ୍ୱରଂ ॥ ରାଘବଂ ରାମଚନ୍ଦ୍ରଞ୍ଚ ରାବଣାରି ରମାପତିଂ । ରାଜୀବଲୋଚନଂ ରାମଂ ତଂ ବନ୍ଦେ ରଘୁନନ୍ଦନଂ ॥ ବାମନଂ ବିଶ୍ୱରୂପଞ୍ଚ ବାସୁଦେବଞ୍ଚ ବିଠଳଂ । ବିଶ୍ୱେଶ୍ୱରଂ ବିଭୁଂ ବ୍ୟାସଂ ତଂ ବନ୍ଦେ ଦେବବଲ୍ଲଭଂ । ଦାମୋଦରଂ ଦିବ୍ୟସିଂହଂ ଦୟାଳୁ ଦୀନନାୟକଂ । ଦୈତ୍ୟାରି ଦେବଦେବେଶଂ ତଂ ବନ୍ଦେ ଦେବକୀ-ସୁତଂ ॥ ମୁରାରି ମାଧବଂ ମତ୍ସ୍ୟ ମୁକୁନ୍ଦ ମୁଷ୍ଟି ମର୍ଦ୍ଦନଂ । ମୁଞ୍ଜକେଶଂ ମହାବାହୁଂ ତଂ ବନ୍ଦେ ମଧୁସୂଦନଂ । କେଶବ କମଳାକାନ୍ତଂ କାମେଶଂ କୌସ୍ତୁଭପ୍ରିୟଂ । କୌମୋଦକୀଧରଂ କୃଷ୍ଣ ତଂ ବନ୍ଦେ କୌରବାନ୍ତକଂ । ଭୂଧରଂ ଭୁବନାନନ୍ଦ ଭୂତେଶ ଭୂତନାୟକଂ । ଭାବନୈକଂ ଭୁଜଙ୍ଗେଶଂ ତଂ ବନ୍ଦେ ଭବନାଶକଂ ଜନାର୍ଦ୍ଦନଂ ଜଗନ୍ନାଥଂ ଜଗଜ୍ଜାଡ୍ୟବିନାଶକଂ । ଜାମଦାଡ଼୍ୟବରଂ ଜ୍ୟୋତି ତଂ ବନ୍ଦେ ଜଳାଶୟନଂ ॥ ଚତୁର୍ଭୁଜ ଚିଦାନନ୍ଦଂ ଚାଣୂରମଲ୍ଲ ମର୍ଦ୍ଦନଂ । ଚରାଚରପତି ଦେବ ତଂ ବନ୍ଦେ ଚକ୍ରପାଣିନଂ ॥ ଶ୍ରୀୟଃକରଂ ଶ୍ରୀୟୋନାଥଂ ଶ୍ରୀଧରଂ ଶ୍ରୀବରପ୍ରଦଂ । ଶ୍ରୀବତ୍ସଳଧରଂ ସୌମ୍ୟ ତଂ ବନ୍ଦେ ଶ୍ରୀସୁରେଶ୍ୱରଂ ॥ ଯୋଗୀଶ୍ୱରଂ ଯଜ୍ଞପତିଂ ଯଶୋଦାନନ୍ଦାୟକଂ । ଯମୁନାଜଳକଲ୍ଲୋଳଂ ତଂ ବନ୍ଦେ ଯଦୁନାୟକଂ ॥ ଶାଳଗ୍ରାମ ଶିଳାଶୁଦ୍ଧଂ ଶଙ୍ଖଚକ୍ରୋପଶୋଭିତଂ । ସୁରାସୁର ସଦାସେବ୍ୟ ତଂ ବନ୍ଦେ ସାଧୁବଲ୍ଲଭଂ ॥

Digitized by PPRACHIN, SOA

ନିବନ୍ଧନଂ ତପୋମୂର୍ତ୍ତି ସର୍ବଧାମୌଘନାଶନଂ । ନିସ୍ଥଲଂ ତୀର୍ଥ-ସୁରେନ୍ଦ୍ରଂ ତଂ ବନ୍ଦେ ତୁଳସୀ ପ୍ରିୟଂ ।। ଅନନ୍ତ ମାଦ୍ୟ ପୁରୁଷମ-ଚୁତ୍ୟଞ୍ଚ ବରପ୍ରଦଂ । ଆନନ୍ଦାଞ୍ଚ ସଦାନନ୍ଦ ତଂ ବନ୍ଦେ ଗୃଘନାଶନଂ ।। ଲୀଳାୟୁଧ ଚତୁର୍ଭୁଜରଂ. ଲୋକସର୍ବୈକ ବନ୍ଦିତଂ । ଲୋକେଶ୍ୱରଞ୍ଚ ଶ୍ରୀକାନ୍ତଂ ତଂ ବନ୍ଦେ ଲକ୍ଷ୍ମଣପ୍ରିୟଂ ।। ହରିଞ୍ଚ ହରିଣାକ୍ଷଞ୍ଚ ହରିନାଥଂ ହରିପ୍ରିୟଂ । ହଳାୟୁଧସହାୟଞ୍ଚ ତଂ ବନ୍ଦେ ହନୁମତ୍ପୂଜିତ ।। ହରିନାମକୃତା ମାଳା ପବିତ୍ରା ପାପନାଶିନୀ । ବଳିରାଜେନ୍ଦ୍ର ସ୍ତୋତ୍ରା କଣ୍ଠେ ଧାର୍ଯ୍ୟ ପ୍ରଯତ୍ନତଃ ।।

ଇତି ବଳିରାଜେନ୍ଦ୍ରଣୋକ୍ତଂ ହରିନାମ ମାଳା ସ୍ତୋତ୍ରଂ ସମ୍ପୂର୍ଣ୍ଣ ।

ସ ମା ପ୍ତ

ଶ୍ରୀକ୍ଷେତ୍ର ମାହାତ୍ମ୍ୟ	ଟ	୮୦-୦୦
ଜଗତରନାଥ ସୃଷ୍ଟିଧର୍ମ	ଟ	୧୭-୦୦
ରହସ୍ୟମୟ ଶ୍ରୀ ଜଗନ୍ନାଥ	ଟ	୨୫-୦୦
ଜଗନ୍ନାଥ ଭଜନମାଳା (ଅଲେଖ ବିଶ୍ୱାଳ)	ଟ	୮୦-୦୦
ଶ୍ରୀକ୍ଷେତ୍ର ଭଜନ	ଟ	୧୦-୦୦
ଭକ୍ତି ପୁଷ୍ପାଞ୍ଜଳି (ଭଜନ)	ଟ	୭-୦୦

ପ୍ରାପ୍ତିସ୍ଥାନ :

ଧର୍ମଗ୍ରନ୍ଥ ଷ୍ଟୋର, ଅଲିଶାବଜାର, କଟକ-୨

ମୁଦ୍ରଣ— କେ. ଜେ. ପି. ପ୍ରିଣ୍ଟିଂ ଓ୍ୱାର୍କସ ଅଲିଶାବଜାର, କଟକ-୨

Digitized by PPRACHIN, SOA

କର୍ମକର୍ମାଣି ଓ ଅନ୍ୟାନ୍ୟ ବହି

ପୁରୋହିତ କର୍ମକାଣ୍ଡ ୧ ସେଟ୍
ବିହାରୀ କର୍ମକାଣ୍ଡ
ଠାକୁରପୂଜା ପଦ୍ଧତି
ଯଜୁର୍ବେଦୀୟ ନିତ୍ୟକର୍ମ ପଦ୍ଧତି
କିଶୋର ନିତ୍ୟକର୍ମ ପଦ୍ଧତି
ସାମବେଦୀୟ ଶ୍ରାଦ୍ଧ ପଦ୍ଧତି
ସାମବେଦୀୟ ନିତ୍ୟକର୍ମ ପଦ୍ଧତି
ସପ୍ତଶତୀ ଚଣ୍ଡୀ (ବଡ଼)
ସପ୍ତଶତୀ ଚଣ୍ଡୀ (ପକେଟ)
ବିବାହ କୌମୁଦୀ
ଦୁର୍ଗୋତ୍ସବ ଚନ୍ଦ୍ରିକା
ବୃହଦ୍ ସ୍ତୋତ୍ରାଷ୍ଟକମାଳା
ବୃହଦ୍ ସ୍ତୋତ୍ର ରତ୍ନାକର
ଅଷ୍ଟକମାଳା
ବୃହଦ୍ ରୁଦ୍ରାଭିଷେକ
ଶୁକ୍ଳଯଜୁର୍ବେଦୀୟ ମନ୍ତ୍ର ରତ୍ନାକର
ପ୍ରେତକୃତ୍ୟ ପଦ୍ଧତିଃ
ରୁଦ୍ରଚଣ୍ଡୀ
କର୍ମକର୍ମାଣି
ପଣ୍ଡିତ ସର୍ବସ୍ୱ
ଅସବର୍ଣ୍ଣ ବିବାହ ପଦ୍ଧତି
ନିତ୍ୟକର୍ମ ପଦ୍ଧତି
ବିବାହ ପଦ୍ଧତି
ସର୍ବଦେବାଦେବୀ ପୂଜା ପଦ୍ଧତି
ରୁଦ୍ରାଭିଷେକ (ବଡ଼)
ରୁଦ୍ରାଭିଷେକ (ସାନ)
ନବଗ୍ରହ ପୂଜା ପଦ୍ଧତି
ଦଶମହାବିଦ୍ୟା
ଅଦ୍ଭୁତ ଗୁପ୍ତବିଦ୍ୟା
ଗୟାଶ୍ରାଦ୍ଧ
ପୟାଶ୍ରାଦ୍ଧ
ଶ୍ରାଦ୍ଧ ପଦ୍ଧତି
ସଂକ୍ରାନ୍ତି ହୋମ
ନବଗ୍ରହମ ହୋମ
ଲକ୍ଷ୍ମୀପୂଜା ପଦ୍ଧତି
ଗର୍ଭାଧାନ ଓ ବନ୍ଧାପନା ପଦ୍ଧତି
ପଞ୍ଚଦେବତା ପୂଜା ବନ୍ଦନା ଓ
ନାରାୟଣ ଜନ୍ମ ପାଳା
ବିଶ୍ୱକର୍ମା ପୂଜା ପଦ୍ଧତି
ଗଣେଶ ପୂଜା ପଦ୍ଧତି
ସରସ୍ୱତୀ ପୂଜା ପଦ୍ଧତି
ଶିବପୂଜା ପଦ୍ଧତି
ଆନନ୍ଦ ଲହରୀ ସ୍ତୋତ୍ର (ବଡ଼)
ଆନନ୍ଦ ଲହରୀ ସ୍ତୋତ୍ର (ସାନ)
ନବଗ୍ରହ ସ୍ତୋତ୍ର ବିଧାନ (ପକେଟ୍)
ସ୍ତବ ସ୍ତୋତ୍ର ରତ୍ନାବଳୀ
ନବଗ୍ରହ ସ୍ତୋତ୍ର
ଶାରଳା ସ୍ତବ ରତ୍ନାବଳୀ
ଅପରାଜିତା ସ୍ତୋତ୍ର
ରୁଦ୍ରାଅଷ୍ଟାଧ୍ୟାୟୀ

Digitized by PPRACHIN, SOA